## ଆଜି ଅନୁଗୋଳ ଜିଲ୍ଲାରୁ ୨୩୮ ଜଣ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୬୨୬୭ ରେ ପହଞ୍ଚିଲା - ସୁସ୍ଥ ହେଲେ ୧୧୩ ଜଣ ।

ଆଜି ଅନୁଗୋଳ ଜିଲ୍ଲାରୁ ଗୋଟିଏ ଦିନରେ ୨୩୮ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଆଜି ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୯୬ ରେ ପହଂଚିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ତାଲଚେର ବ୍ଲକ୍ ଅଂଚଳରୁ ୩୯ ଜଣ ( ୨୮ଜଣ ପୁରୁଷ ଓ ୧୧ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୩୮ ଜଣ (୨୬ ଜଣ ପୁରୁଷ ଓ୧୨ ଜଣ ମହିଳା), ତାଲଚେର ପୌରାଂଚଳରୁ ୩୦ ଜଣ ( ୧୯ଜଣ ପୁରୁଷ ଓ ୧୧ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୨୮ ଜଣ ( ୨୧ଜଣ ପୁରୁଷ ଓ ୭ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ୨୫ ଜଣ ( ୧୯ଜଣ ପୁରୁଷ ଓ ୬ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୮ ଜଣ ( ୧୧ଜଣ ପୁରୁଷ ଓ ୭ଜଣ ମହିଳା), ବଣ୍ଡଁରପାଲ ବ୍ଲକ୍ ଅଂଚଳରୁ ୧୭ ଜଣ ( ୧୩ଜଣ ପୁରୁଷ ଓ ୪ଜଣ ମହିଳା), ଅନୁଗୋଳ ପୌରାଂଚଳରୁ ୧୪ ଜଣ (୧୧ ଜଣ ପୁରୁଷ ଓ ୩ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୧୩ ଜଣ (୬ ଜଣ ପୁରୁଷ ଓ ୭ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୧୨ ଜଣ ( ୭ଜଣ ପୁରୁଷ ଓ ୫ଜଣ ମହିଳା) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୪ ଜଣ ( ୨ଜଣ ପୁରୁଷ ଓ ୨ଜଣ ମହିଳା ) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୧୧୩ ଜଣ ସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୪ଜଣ କୋଭିଡ ହସପିଟାଲରୁ , ୬ଜଣ କୋଭିଡ କେୟାର ସେଣ୍ଟରରୁ ଓ ୯୩ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

॥

ଜିଲ୍ଲାରେ କରୋନା ସ୍ଥିତି ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜିଲ୍ଲାପାଳ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି । ଆସନ୍ତା କାଲି ଠାରୁ ରେଡ୍ ଜୋନ୍‌ରେ ବିଶୋଧନ କାର୍ଯ୍ୟକୁ ବ୍ୟାପକ ଭାବେ କରିବା ସହ ହାଟ ଓ ବଜାର ଭଳି ଜନଗହଳି ସ୍ଥାନରେ ଯାଂଚ କାର୍ଯ୍ୟକୁ (Enforcement) ତ୍ୱରାନ୍ୱିତ କରିବାକୁ ଆଜି ଅପରାହ୍ନରେ ଅନୁଷ୍ଠିତ ଜୁମ୍ ବୈଠକରେ ପରାମର୍ଶ ଦେଇଛନ୍ତି । ଠେଲା ଦୋକାନୀମାନଙ୍କୁ ସହାୟତା ପ୍ୟାକେଜ୍ ଦେଇ ସେମାନଙ୍କର ଚଳ ପ୍ରଚଳ ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରାପିଡ୍ ରେସପନସ୍ ଟିମ୍ ସଠିକ୍ ସମୟରେ ସବୁ ସ୍ଥାନରେ ପହଂଚୁଛି କି ନାହିଁ ଓ ଆକ୍ରାନ୍ତମାନେ ମେଡିସିନ୍ କିଟ୍ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ତାଳଚେର କୋଭିଡ ହସପିଟାଲର ସଠିକ୍ ପରିଚାଳନାକୁ ନେଇ ଜିଲ୍ଲାପାଳ କଡା ତାଗିଦ୍ କରିଛନ୍ତି । କରୋନା ଆକ୍ରାନ୍ତ ଓ ସେମାନଙ୍କର ଆତ୍ମୀୟ ସ୍ୱଜନମାନଙ୍କୁ ବିଭିନ୍ନ ସୂଚନା ପ୍ରଦାନ ନିମନ୍ତେ ହେଲପ୍ ଡେସ୍କ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୬୭୯ ତା.୧୧.୧୦.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ